# Akashvani, Sambalpur

## SAMBALPURI NEWS BULLETIN

### 31 March 2024- 6.47- 6.52 am.

************************************************

ବିଜେପି- ପ୍ରାର୍ଥୀ ଘୋଷ୍ନା　　　ଆର୍ଏନ୍ୟୁ / ସମ୍ବଲପୁର

ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନିର୍ବାଚନ୍ କମିଟି ତର୍ଫୁ ଆଏବା ଲୋକ୍ସଭା ନିର୍ବାଚନ୍ ଲାଗି ଓଡ଼ିଶାର୍ ଯାଜ୍ପୁର୍, କନ୍ଧମାଲ୍ ଆର୍ କଟକ୍ ସହେତେ ପଞ୍ଜାବ୍ ଆର୍ ପଶ୍ଚିମବଙ୍ଗ୍ର ମୋଟ୍ ୧୧ ଟା ଲୋକ୍ସଭା ଆସନ୍ ଲାଗି ପ୍ରାର୍ଥୀ ଘୋଷ୍ନା କରାଯାଇଛେ । ଘୋଷ୍ନା ଅନ୍ସାରେ ଅନୁସୂଚିତ ଜାତି ବର୍ଗର୍ ଲାଗି ସଂରକ୍ଷିତ ଯାଜ୍ପୁର୍ ଲୋକ୍ସଭା ଆସନ୍ନୁ ଡକ୍ଟର୍ ରବୀନ୍ଦ୍ର ନାରାୟଣ୍ ବେହେରା, କନ୍ଧମାଲ୍ ଲୋକ୍ସଭା ଆସନ୍ନୁ ସୁକାନ୍ତ କୁମାର୍ ପାଣିଗ୍ରାହୀ ଆଉ କଟକ୍ ଲୋକ୍ସଭା ଆସନ୍ନୁ ଭର୍ତୃହରି ମହତାବ୍ ଭାରତୀୟ ଜନତା ପାର୍ଟିର୍ ପ୍ରାର୍ଥୀ ହେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲାହପ୍ତାଥି ଓଡ଼ିଶାର୍ ୧୮ ଟା ଲୋକ୍ସଭା ଆସନ୍ ଲାଗି ବିଜେପି ପ୍ରାର୍ଥୀ ଘୋଷ୍ନା କରିଥିଲା ।

ସଖାଲ୍ ସ୍କୁଲ୍                ହିନ୍ଦୁସ୍ଥାନ୍ ସମାଚାର୍

ରାଏଜେ ଆଏବା ମଙ୍ଗଲ୍‌ବାର୍‌ନୁ ସ୍କୁଲ୍‌ମାନ୍‌କୁ ସଖାଲର୍ ୭ ନୁ ସାଢ଼େ ୧୧ ବଜେତକ୍ ବଢ଼ାହେବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ ଦୁର୍ଗାପ୍ରସାଦ୍ ମହାପାତ୍ର କହିଛନ୍ ଯେ, ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ରାଏଜେ ୧ ନୁ ୧୨ କ୍ଲାସ୍‌ତକ୍ ସ୍କୁଲ୍ ସମିଆ ବଦ୍‌ଲା ଯାଇଛେ । ଇତାର୍‌ସଙ୍ଗେ ସ୍କୁଲ୍‌ମାନ୍‌କୁ ପିଇବାର୍ ପାଏନ୍, ଓଆର୍‌ଏସ୍ ପେକେଟ୍ ରଖିବାର୍ ସଙ୍ଗେ ବାକି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜିଲ୍ଲାପାଲ୍‌ମାନେ ନିଜର୍ ଜିଲ୍ଲାମାନ୍‌କର୍ ପାଗ୍‌ର ଥିତି ଦେଖିକରି ସ୍କୁଲ୍ ସମିଆ ବାବ୍‌ଦେ ନିଷ୍ପତି ନେଇପାର୍‌ବେ ବଲି ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ କହିଛନ୍ ।

ଇଷ୍ଟର୍                ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଷ୍ଟର୍ ପରବ୍ ଅବ୍‌ସରେ ଦେଶେ ଆର୍ ଦେଶ୍ ବାହାରେ ରହୁଥିବା ଭାରତୀୟ ନାଗରିକ୍ ଖାସ୍ କରି ଖ୍ରୀଷ୍ଟଧର୍ମାବଲମ୍ବୀମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଯୀଶୁଖ୍ରୀଷ୍ଟଙ୍କର୍

ପୁର୍ନରୁତ୍‌ଥାନ୍‌ର ପ୍ରତୀକ୍ ଭାବେ ପାଲନ୍ କରାଯାଉଥିବା ଇଷ୍ଟର୍ ଆମ୍‌କୁ ତ୍ୟାଗ୍ ଆର୍ କ୍ଷମାର ବାଟ୍ ଦେଖାସି ଆର୍ ଯୀଶୁଖ୍ରୀଷ୍ଟ ଆମ୍‌କୁ ଶାନ୍ତି ଆଉ ସଦ୍‌ଭାବର ଶିକ୍ଷା ଦେଇଛନ୍ ବଲି ରାଷ୍ଟ୍ରପତି ତାଁକର୍ ବାର୍ତାଥି କହିଛନ୍ । ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ୍ ଭିଲ୍ ଇଷ୍ଟର୍ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ଇ ପରବ୍ ଆମର୍ ମାନ୍‌କର୍ ସମ୍‌କିରିର୍ ଜୀବନ୍‌ଥି ଶାନ୍ତି ଆଉ ସଦ୍‌ଭାବନା ଆନୁ ବଲି କାମନା କରିଛନ୍ ।

ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ପ୍ରେସ୍ ରିଲିଜ୍

ଦେଶେ ଆଏବା ସାଧାରଣ ନିର୍ବାଚନ୍‌କେ ସମ୍‌କିରିର୍ ଲାଗି ଗୁଟେ ମତଦାନ୍‌ର ପରବ୍ ଭାବେ ପାଲନ୍ କର୍‌ବାର୍‌କେ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ସବୁ ପ୍ରକାରର୍ ପଦକ୍ଷେପ୍ ନିଆଯାଇଛେ । ସେ ଅନ୍‌ସାରେ ଓଡ଼ିଶା ନ ନିର୍ବାଚନ୍‌ଥି ଯେନ୍ତା ସବୁ ବର୍ଗର୍ ମତଦାତାଙ୍କୁ ସାମିଲ୍ କରାଯାଇପାର୍‌ବା ହେ ବାବ୍‌ଦେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କର୍ ଅଧ୍ୟକ୍ଷତାଥି ସୁଗମ ନିର୍ବାଚନ ରାଜ୍ୟ ଷ୍ଟିଅରିଂ କମିଟିର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ନକ୍ଷମ ମତଦାତାମାନ୍‌କର୍ ଲାଗି ମତଦାନ୍ ପ୍ରକ୍ରିୟାକେ ସହଜ୍ କର୍‌ବାର୍ ବାବ୍‌ଦେ ଆଲୋଚନା

ହେଇଥିଲା । ସୂଚ୍‌ନା ଅନ୍‌ସାରେ ମତଦାତା ତାଲିକାଥି ଭିନ୍ନକ୍ଷମ ମତଦାତାମାନ୍‌କୁ ସାମିଲ୍ କର୍‌ବାର୍‌ଥି ଓଡ଼ିଶାର୍ ହାର ଜାତୀୟ ହାରନୁ ଉପ୍‌ରେ ରହିଥିବାର୍ ବେଲେ ସେମାନ୍‌କୁ ସମ୍‌କୁ ଘରୁ ମତଦାନ୍ କେନ୍ଦ୍ର- ପୁଲିଂ ବୁଥ୍‌କେ ଆନ୍‌ବାର୍ ଆର୍ ଫେର୍ ଘରେ ଛାଡ଼୍‌ବାର୍ ଲାଗି ଗାଡ଼ି ବ୍ୟବସ୍ଥା କରାଯାଇଛେ । ରାଏଜେ ସବୁ ପୁଲିଂ ବୁଥ୍ ତଲର୍ ମହଲାଥି କରାଯାଇଥିବାର୍ ବେଲେ ପୁଲିଂ ବୁଥ୍‌କେ ହ୍ୱିଲ୍ ଚେୟାର୍ ନେବାର୍ ଲାଗି ରେମ୍ପ୍‌ର ବ୍ୟବସ୍ଥା ରହେବା । ପୁଲିଂ ବୁଥ୍ ନ ଭିନ୍ନକ୍ଷମ ମତାଦାତାମାନ୍‌କୁ ମତଦାନ୍‌ଥି ଅଗ୍ରାଧିକାର୍ ଦିଆଯିବା ଆଉ ସେମାନ୍‌କୁ ସାହାଜ୍ କର୍‌ବାର୍‌କେ ୧୪ ନୁ ୧୮ ବଛର୍ ବୟସର୍ ସ୍ୱେଚ୍ଛାସେବୀମାନ୍‌କୁ ପ୍ରଶିକ୍ଷଣ୍ ଦିଆଯାଉଛେ ।

ଦୃଷ୍ଟିବାଧିତ ମତଦାତାମାନ୍‌କର୍ ଲାଗି ସବୁ ପୁଲିଂ ବୁଥ୍ ନ ବ୍ରେଲି ଅକ୍ଷର୍‌ଥି ଲିଖା ଛାପା ବେଲଟ୍ ପେପର୍ ରଖାଯିବା । ଯେନ୍ ମତାଦାତାମାନ୍‌କର୍ ଭିନ୍ନକ୍ଷମତା ୪୦ କି ତାର୍‌ନୁ ଅଏତ୍‌କା ବେଂଚ୍‌ମାର୍କର ଥିବା ସେମାନେ ହେ ବାବଦ୍ ପ୍ରମାଣ୍‌ପତ୍ର ସଙ୍ଗେ ଫର୍ମ ୧୨-ଡି ଜରିଏ ଆବେଦନ୍ କରିକରି ନିଜର୍ ଘରେ ଥାଇକରି ପୋଷ୍ଟାଲ୍ ବେଲଟ୍‌ଥି ମତଦାନ୍ କରିପାର୍‌ବେ ।

ଆନ୍ତଃରାଜ୍ୟ ସମନ୍ୱୟ କମିଟିର୍ ବୈଠକ୍        ପ୍ରେସ୍ ରିଲିଜ୍

ରାଏଜେ ଆଏବା ମେ ଆର୍ ଜୁନ୍ ମାସେ ୪ ଟା ଖେପେ ସାଧାରଣ ନିର୍ବାଚନ୍ ହେବାର୍‌କେ ଯାଉଥିବାର୍ ବେଲେ ଆଭାସୀ ଜରିଏ ଓଡ଼ିଶା ଆର୍ ପଡ଼ୋଶୀ ଛତିଶ୍‌ଗଡ଼୍ ରାଜ୍ୟର୍ ବରିଷ୍ଠ ପୁଲିସ୍ ଅଧିକାରୀମାନ୍‌କର୍ ଆନ୍ତଃରାଜ୍ୟ ସମନ୍ୱୟ କମିଟିର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀଙ୍କର୍ ସହେତେ ରାଜ୍ୟ ପୁଲିସ୍ ମୁଖ୍ୟାଲୟର୍ ବରିଷ୍ଠ ଅଧିକାରୀ ଆର୍ ଭିନ୍ ଭିନ୍ ରେଞ୍ଜ୍‌ର ପୁଲିସ୍ ମହାନିରୀକ୍ଷକ, ଉପ ମହାନିରୀକ୍ଷକ ଆର୍ ସୀମ୍‌ନା ଜିଲ୍ଲାମାନ୍‌କର୍ ଏସ୍.ପି.ମାନେ ଭାଗ୍ ନେଇଥିଲେ । ସେନ୍ତା ଛତିଶ୍‌ଗଡ଼୍ ଆଡୁ ସେନର୍ ପୁଲିସ୍ ମହାନିର୍ଦ୍ଦେଶକ୍ ଅଶୋକ୍ ଜୁନେଜା ଙ୍କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀ ଆର୍ ସିମ୍‌ନା ଜିଲ୍ଲାର୍ ଏସ୍.ପି.ମାନେ ବୈଠକ୍‌ଥି ଜୁଡ଼ି ହେଇଥିଲେ । ବୈଠକ୍‌ଥି ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଜାରି ସବୁ ନିୟମାବଲୀ ଯେନ୍ତା ସଠିକ୍ ଭାବେ ପାଲନ୍ କରାଯିବା ହେ ବାବ୍‌ଦେ ଆଲୋଚନା କରାଯାଇଥିଲା । ଦୁହି ରାଜ୍ୟର୍ ସିମ୍‌ନା ଜିଲ୍ଲା ଖାସ୍‌କରି ଓଡ଼ିଶାର୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ନୂଆପଡ଼ା, କଲାହାଣ୍ଡି, ନବରଙ୍ଗ୍‌ପୁର୍, କୋରାପୁଟ ଆର୍ ମାଲ୍‌କାନ୍‌ଗିରି ଜିଲ୍ଲା ନ  ଶାନ୍ତିପୂର୍ଣ୍ଣ, ଅବାଧ, ଅପରାଧମୁକ୍ତ ଆର୍ ନିରପେକ୍ଷ

ଭାବେ ନିର୍ବାଚନ୍ ପରିଚାଲନା ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ଧାରିଜ୍ ଭୋଟ୍ ତାରିଖ୍‌ର ୪୮ ଘଂଟା ଆଘୋନୁ ଦୁହି ରାଜ୍ୟର୍ ସିମ୍‌ନାକେ ପୁରା ବନ୍ଦ୍ କରାଯାଇକରି କଡ଼ାକଡ଼ି ଯାଂଚ୍ କରାଯିବା ବଲି ବୈଠକ୍‌ଥି ମତପ୍ରକାଶ୍ ପାଇଥିଲା । ସିମ୍‌ନା ଜିଲ୍ଲାମାନ୍‌କର୍ ତନଖି ଫାଟକ୍ ନ ଯାଂଚ୍, ସମ୍ବେଦନ୍‌ଶୀଲ୍ ଜାଗା ମାନ୍‌କୁ ଗାଡ଼ି ମଟର୍‌ର ଯାଂଚ୍, ଅବକାରୀ ଧରପଗଡ୍, ବେଆଇନ୍ ମାରଣାସ୍ତ୍ର, ମଦ୍, ନିଶା ଆର୍ ଟଙ୍କା କାର୍‌ବାର୍ ଉପ୍‌ରେ ରୋକ୍ ଲଗାଯିବାର୍ ବାବ୍‌ଦେ ଖାସ୍ ଯୋଜ୍‌ନା କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ଆନ୍ତର୍ଜାତୀୟ ପଂଚମ୍ ନାଟ୍ୟ ମହୋତ୍ସବ  ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ଜ୍ୟୋତିବିହାର୍ ନ ଥିବା ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟଥି ପ୍ରଥମ ଆନ୍ତର୍ଜାତୀୟ ପଂଚମ୍ ନାଟ୍ୟ ମହୋତ୍ସବର୍ ଗଲାକାଏଲ୍ ୨ ନମ୍ବର୍  ଦିନ ମରାଠୀ ନାଟକ୍ ‘ମିଥ୍ ଅଫ୍ ମେଣ୍ଡିଗୋଜ୍’ ଆର୍ ହିନ୍ଦୀ ନାଟକ୍ ‘ଲଭ୍ ପ୍ଲାଟ୍‌ଫର୍ମ’ ମଂଚନ୍ ହେଇଯାଇଛେ । ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ପ୍ରଦର୍ଶନ କଳା

ଆର୍ ସମ୍ବଲ୍‌ପୁରର୍ 'ସ୍ୱର' ଅନୁଷ୍ଠାନ୍ ତର୍‌ଫୁ ଆୟୋଜିତ ମହୋତ୍ସବର୍ ୨ ନମ୍ବର୍ ଦିନ ସମ୍ବଲପୁରୀ ଧନୁଯାତ୍ରାର୍ ପାଣ୍ଡୁଲିପିର ଲେଖକ୍ ଆର୍ ନିର୍ଦ୍ଦେଶକ ବବ୍‌ଲୁ ବାଗ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।